# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 April – 2024**

# ରାମନବମୀ

ଆଜି ପବିତ୍ର ରାମନବମୀ । ପୁରାଣ ଅନୁସାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚୈତ୍ର ନବରାତ୍ରର ଶେଷ ଦିନର ନବମୀ ତିଥିରେ ଜନ୍ମ ନେଇଥିଲେ । ସତ୍ୟ, ନ୍ୟାୟ, ଦୟା କ୍ଷମା ଓ ତ୍ୟାଗର ଅବତାର ଭାବେ ଶ୍ରୀରାମ ପ୍ରତୀୟମାନ ହୋଇଥାଆନ୍ତି । ଶ୍ରୀରାମ ନବମୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ରଥଯାତ୍ରାର ରଥନିର୍ମାଣ ପାଇଁ କାଠ ଚିରଟ ଅନୁକୂଳ ହେବ ।

ରାମନବମୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ପ୍ରଭୁ ଶ୍ରୀରାମ ସମସ୍ତଙ୍କୁ ଠିକ୍ ବାଟ ଦେଖାଇବେ । ପ୍ରଭୁ ଶ୍ରୀରାମ, ନିଃସ୍ୱାର୍ଥ ସେବା, ବନ୍ଧୁଭାବ ଓ ପ୍ରତିବଦ୍ଧତାର ପ୍ରତୀକ । ଉପରାଷ୍ଟ୍ରପତି ଶ୍ରୀ ଧନଖଡ ସଶକ୍ତ ଓ ସମୃଦ୍ଧ ଭାରତ ଗଢିବା ଦିଗରେ ପ୍ରଭୁ ଶ୍ରୀରାମଙ୍କର ଆଦର୍ଶ ସମସ୍ତଙ୍କୁ ଠିକ୍ ବାଟ ଦେଖାଇବ ବୋଲି କହିଛନ୍ତି ।

# ଜିଡିପି

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି-ଆଇଏମ୍‌ଏଫ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ-ଜିଡିପି ୬ ଦଶମିକ ୮ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଆକଳନ କରିଛି । ଆଇଏମ୍‌ଏଫ ଗତ ଜାନୁୟାରୀରେ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତର ଜିଡିପି ୬ ଦଶମିକ ୫ ପ୍ରତିଶତ ହେବ ବୋଲି ଅନୁମାନ କରିଥିଲା । ଆଇଏମ୍‌ଏଫ୍ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି, ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ସୁଦୃଢ ରହିବା ସହ ଲଗାତର ଘରୋଇ ଚାହିଦା ବୃଦ୍ଧି ପାଇବ ।

# ବିଦ୍ୟାଳୟ ମିଶ୍ରଣ ମାମଲା

୨୦ଜଣ ଛାତ୍ରଛାତ୍ରୀ କମ୍ ଥିବା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରସଙ୍ଗରେ ହାଇକୋର୍ଟର ଜଣକିଆ ବିଚାରପତି ଦେଇଥିବା ଆଦେଶ ମାମଲାର ଗତକାଲି ଶୁଣାଣି ହୋଇଥିଲା । ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ ।  ସମସ୍ତ ପକ୍ଷଙ୍କର ମତକୁ ଶୁଣିବା ପରେ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ ଏମ୍.ଏସ୍ ରମଣଙ୍କ ଖଣ୍ଡପୀଠ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି ।

# ସ୍କୁଲ ସମୟ ପରିବର୍ତ୍ତନ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟରେ ଏକ ଘଣ୍ଟା କମାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିନ ୧୦ଟା ୩୦ମିନିଟ୍ ପରିବର୍ତ୍ତେ ୯ଟା ୩୦ମିନିଟ୍‌ରେ ଛୁଟି କରିବାକୁ ସ୍କୁଲଗୁଡିକୁ କୁହାଯାଇଛି । ସକାଳ ୬ଟା ୧୫ମିନିଟ୍‌ରେ ସ୍କୁଲ ଆରମ୍ଭ ହୋଇ ୯ଟା ୩୦ମିନିଟ୍‌ରେ ସ୍କୁଲ ଛୁଟି କରିବାକୁ ସରକାରୀ ଭାବେ ନିର୍ଦ୍ଦେଶ ଦିଆଯାଇଛି ।

---

# ନିର୍ବାଚନ ପ୍ରଶିକ୍ଷଣ

ସାଧାରଣ ନିର୍ବାଚନ ନିମନ୍ତେ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ରାଉରକେଲାର ମ୍ୟୁନିସପାଲ କଲେଜରେ ଗତକାଲି ୬୩୦ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ରାଉରକେଲା, ବୀରମିତ୍ରପୁର ଓ ରଘୁନାଥପଲ୍ଲୀ ନିର୍ବାଚନମଣ୍ଡଳୀର ପୋଲିଂ ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନରମାନେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ନେଇ ତାଲିମ ଦେଇଛନ୍ତି ।

ସେହିପରି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ରେଢ଼ାଖୋଲ ଓ ଜୁଜୁମରାର ଷ୍ଟ୍ରଙ୍ଗରୁମ୍ ଓ ମତଦାନ କେନ୍ଦ୍ରର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ରେଢ଼ାଖୋଲରେ ପହଞ୍ଚି ଭୀମଭୋଇ କଲେଜ ସମେତ ଅନ୍ୟାନ୍ୟ ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ ।

---

# ବଜ୍ରପାତ

କେନ୍ଦ୍ରାପଡା ଜିଲ୍ଲାରେ ଗତକାଲି ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ୫ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ଆଉ ଜଣଙ୍କର ମୃତ୍ୟୁ ଘଟିଛି । ସେହିପରି ପୁଣ୍ଡିଲୋ ଓ ବରିଜଙ୍ଗା ଗ୍ରାମର ୩ ଜଣଙ୍କର ପ୍ରାଣହାନୀ ଘଟିଥିବା ଜଣାପଡିଛି ।

---

# ନିର୍ବାଚନ ସମୀକ୍ଷା-ଢେଙ୍କାନାଳ

ଉତ୍ତରାଞ୍ଚଳ ରାଜସ୍ୱ ଆୟୋଗ ଶ୍ରୀକାନ୍ତ ପୃଷ୍ଟି ଢେଙ୍କାନାଳ ଜିଲ୍ଲାରେ ଆଗାମୀ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ମହିମାପାଟସ୍ଥିତ ଇଭିଏମ୍ ଓ୍ୱାର ହାଉସ୍ ବୁଲି ଦେଖିବା ସହିତ ଓ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ପ୍ରସ୍ତୁତି ପ୍ରକ୍ରିୟା କାର୍ଯ୍ୟର ସମୀକ୍ଷା କରିଥିଲେ ।

---

# ଜଙ୍ଗଲ ନିଆଁ

ଜଙ୍ଗଲ ନିଆଁରେ ଓଡ଼ିଶା ଗତକାଲି ସୁଦ୍ଧା ଦେଶରେ ଶୀର୍ଷରେ ସ୍ଥାନରେ ରହିଛି ।  ରାଜ୍ୟର ୫୩ ଟି ସ୍ଥାନରେ ବଡ଼ ଧରଣରେ ଜଙ୍ଗଲରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟରୁ ଜଣାପଡିଛି । ଦେଶରେ ୨୬୩ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଥିବା ରିପୋର୍ଟରେ କୁହାଯାଇଛି । ଗତ ଏକ ସପ୍ତାହ ମଧ୍ୟରେ ଦେଶରେ ବଡ଼ ଧରଣର ଜଙ୍ଗଲ

ନିଆଁ ବ୍ୟାପିବାରେ ଓଡ଼ିଶା ୩ ନମ୍ବର ସ୍ଥାନରେ ରହିଛି । ଏହି ସମୟ ମଧ୍ୟରେ ରାଜ୍ୟରେ ୧୨୮ ଟି ସ୍ଥାନରେ ବଡ଼ ଧରଣର ନିଆଁ ଲାଗିଛି ।

କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ମାଲକାନଗିରି, ଗଜପତି, ଦେବଗଡ଼ ଆଦି ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରେ କୁହାଯାଇଛି ।

---

# ବୈଷୟିକ ବିଜ୍ଞାନ ଉତ୍ସବ

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ବୈଦ୍ୟୁତିକ ଏବଂ ଅଭିବୈଦ୍ୟୁତିକ ବୈଷୟିକ ବିଦ୍ୟା ବିଭାଗର ବାର୍ଷିକ ବୈଷୟିକ ବିଜ୍ଞାନ ଉତ୍ସବ ସ୍ପେକ୍ଟ୍ରମ୍ ୨୦୨୪ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସନ୍ଦର୍ଭର ସଙ୍କଳନ ସ୍ମରଣିକା 'ସ୍ପେକ୍ଟ୍ରମ କନେକ୍ଟ' ର ଦ୍ୱିତୀୟ ଭାଗ ଉନ୍ମୋଚନ କରାଯାଇଥିଲା ।

---

# ଗ୍ରୀଷ୍ମ ପ୍ରବାହ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମ ତଥା ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ତାପମାତ୍ରା ବଢ଼ିବାରେ ଲାଗିଛି। ଗତକାଲି ରାଜ୍ୟର ୧୮ ସହରରେ ତାପମାତ୍ରା ୪୧ଡିଗ୍ରୀ ଠାରୁ ଅଧିକ ରହିଥିବାବେଳେ ୨୯ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ରେକର୍ଡ କରାଯାଇଛି ।

ଆଗାମୀ ଦୁଇ ଦିନ ମଧ୍ୟରେ ରାଜ୍ୟରେ କେତେକ ସ୍ଥାନରେ ଦିନ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ଯାଏଁ ବୃଦ୍ଧି ପାଇପାରେ । ଏହି ସମୟରେ କିଛି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଆସନ୍ତା ୫ ଦିନ ପାଇଁ 'ହିଟ୍ ୱେଭ୍' ଆଲର୍ଟ ଜାରି କରିଛି । ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ ଆଜି ଟିଟିଲାଗଡ଼, ବଲାଙ୍ଗିର, ବୌଦ୍ଧ ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ରହିପାରେ ।

---